Worksheet ପାଠ-(5)

# ଭାରତର ବୁଲ୍‌ବୁଲ୍

ପ୍ର) ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଆମ ସଂସ୍କୃତିରେ ପର୍ବପର୍ବାଣୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟସ୍ତ, କର୍ମକ୍ଲାନ୍ତ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରିବା। ଓଡ଼ିଶାର ଜନଜୀବନ, ସମାଜ ଓ ସଂସ୍କୃତି ଅତି ମହାନ୍। ଧର୍ମ, ନୀତି ଓ । ଚଳଣିରେ ବିଭେଦ ରହିଥିଲେ ମଧ୍ୟ ଓଡ଼ିଶାବାସୀ ବିଭିନ୍ନ ପର୍ବପର୍ବାଣୀକୁ ଆନନ୍ଦରେ ପାଳନ କରନ୍ତି। ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଧର୍ମସଚେତନ। ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ ହୁଏ ସରସ ଓ ମଧୁମୟ।

କ) ଆମେ କାହିଁକି ପର୍ବପର୍ବାଣୀ ପାଳନ କରୁ?

ଉ) ବ୍ୟସ୍ତ, କର୍ମକ୍ଲାନ୍ତ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରିବା ପାଇଁ ଆମେ ପର୍ବପର୍ବାଣୀ ପାଳନ କରୁ।

(ଗ) କାହାର ସଂସ୍କୃତି ଅତିବ ମହାନ୍?

(ଉ) ଓଡ଼ିଶାର ସଂସ୍କୃତି ଅତିବ ମହାନ୍ ।

(ଘ) ବିଭିନ୍ନ ପର୍ବ-ପର୍ବାଣୀକୁ ସେମାନେ କିପରି ପାଳନ କରନ୍ତି?

(ଉ) ବିଭିନ୍ନ ପର୍ବ-ପର୍ବାଣୀକୁ ସେମାନେ ଧର୍ମ, ନୀତି ଓ ଚଳଣିରେ ବିଭେଦ ନ ରଖି ଆନନ୍ଦରେ ପାଳନ କରନ୍ତି ।

(ଙ) ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ କ'ଣ ହୁଏ?

(ଉ) ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ ସରସ ଓ ମଧୁମୟ ହୁଏ ।

(ଚ) 'ସରସ'ର ବିପରୀତ ଶବ୍ଦ କ'ଣ?

(ଉ) ନିରସ

③ ଶୂନ୍ୟସ୍ଥାନ ପୂରଣ କର ।

(କ) ସରୋଜିନୀ ନାଇଡୁଙ୍କୁ ପ୍ରାଚ୍ୟ ଜଗତରେ

___କୋକିଳ___ କୁହାଯାଏ ।

(ଖ) ___୧୮୭୯___ ମସିହାରେ ସରୋଜିନୀ ଜନ୍ମଗ୍ରହଣ

କରିଥିଲେ ।

(ଗ) ଭାରତର ବୁଲବୁଲ୍ କହିଲେ ଆମେ

___ସରୋଜିନୀ ନାଇଡୁ___ଙ୍କୁ ଜାଣୁ ।

(ଘ) କବିତା ଲେଖିବା ସହ ତାଙ୍କୁ ସେ

___ସୁନ୍ଦର ସ୍ୱରରେ ଗାନ___ ମଧ୍ୟ କରୁଥିଲେ ।

(ଙ) ___୧୯୪୯___ ମସିହା ମାର୍ଚ୍ଚ ୨ ତାରିଖରେ ସେ

ମୃତ୍ୟୁବରଣ କରଲେ ।

(୭) ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର ।

"ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠୁଥିଲା।"

(କ) ଏହି ବାକ୍ୟଟି କେଉଁ ବିଷୟରୁ ଆସିଅଛି?

(ଉ) ଏହି ବାକ୍ୟଟି ଭଗବାନ ମହାନ୍ତି ଙ୍କ ଦ୍ୱାରା ଲିଖିତ "ଭାରତର ବୁଲ୍‌ବୁଲ୍" ବିଷୟରୁ ଆସିଅଛି ।

(ଖ) କାହାର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠୁଥିଲା?

(ଉ) ସରୋଜିନୀ ନାଇଡୁଙ୍କର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠିଥିଲା ।

(ଗ) ଏହି ବିଷୟଟିର ଲେଖକ କିଏ ?

(ଉ) ଏହି ବିଷୟଟିର ଲେଖକ ହେଉଛନ୍ତି 'ଭଗବାନ ମହାନ୍ତି' ।

୪ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଙ) କଣ କରିବାକୁ ବାଧ୍ୟ କରି ବାପା ସରୋଜିନୀଙ୍କୁ ପିଲାବେଳେ ଏକ କୋଠରୀରେ ବନ୍ଦ କରି ଦେଉଥିଲେ?

ଉ) ଅଙ୍କ କଷିବା ପାଇଁ ବାଧ୍ୟ କରି ବାପା ସରୋଜିନୀଙ୍କୁ ପିଲାବେଳେ ଏକ କୋଠରୀରେ ବନ୍ଦ କରି ଦେଉଥିଲେ ।

ଚ) ସରୋଜିନୀ ନାଇଡୁ ଏକାଧାରରେ କଣ ଥିଲେ?

ଉ) ସରୋଜିନୀ ନାଇଡୁ ଏକାଧାରରେ କବୟିତ୍ରୀ, ଲୋକପ୍ରିୟ ନେତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଭଲ ବିଦ୍ୟାର୍ଥୀ ଓ ଭଲ ବକ୍ତା ଥିଲେ ।

(ଗ) କିଏ ତାଙ୍କ ହୃଦୟରେ ଗଭୀର ଦୁଃଖ ଆଣିଥିଲା ?

(ଉ) ନିଜ ଜନ୍ମଭୂମିର ପରାଧୀନତା ତାଙ୍କ ହୃଦୟରେ ଗଭୀର ଦୁଃଖ ଆଣିଥିଲା ।

(ଘ) କାହାର ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା ?

(ଉ) ଗାନ୍ଧିଜୀଙ୍କ ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା ।

(୫) ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର ।

ଦକ୍ଷତା - ଅର୍ଜୁନଙ୍କର ଧନୁ ବିଦ୍ୟାରେ <u>ଦକ୍ଷତା</u> ଥିଲା ।

ପ୍ରତିଭା - ତୁଳସୀ ଦୁଇପତ୍ରରୁ ବାସିଲା ପରି ସରୋଜିନୀଙ୍କର <u>ପ୍ରତିଭା</u> ବାଲ୍ୟକାଳରୁ ଫୁଟି ଉଠୁଥିଲା ।

ମୁଗ୍ଧ - ହରିର ନାଚ ଦେଖି ସମସ୍ତ ଲୋକ

<u>ମୁଗ୍ଧ</u> ହୋଇ ତାକୁ ପୁରସ୍କାର ଦେଲେ ।